# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 September - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତାକାଲି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଦେଶର ବିଭିନ୍ନ ଅଦାଲତରେ ଗତ ଶନିବାର ଦିନ ଅନୁଷ୍ଠିତ ଲୋକ ଅଦାଲତରେ ୧ କୋଟି ୧୪ଲକ୍ଷ ମାମଲାର ହୋଇଛି ଫଇସଲା ।
- ପବିତ୍ର ଇଦ୍-ଏ-ମିଲାଦ-ଉନ୍-ନବି ପାଳନ ଅବସରରେ ମୁସଲମାନ ଭାଇଭଉଣୀମାନେ ଶାନ୍ତି ଓ ସଦ୍‌ଭାବନାର ଦେଲେ ବାର୍ତ୍ତା ।
- ବାୟୁମଣ୍ଡଳରେ ଓଜୋନସ୍ତରରେ ଛିଦ୍ରର ପ୍ରଭାବ ଏବଂ ମାନବ ସମାଜ ପାଇଁ କ୍ଷତିକାରକର ସଚେତନତାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଓଜୋନ ଦିବସ ।

ଏବଂ

- ଅବପାତର ପ୍ରଭାବରେ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷାର ଅନୁମାନ କଲା ପାଣିପାଗ ବିଭାଗ ।

# ପିଏମ୍-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଜନତା ମୈଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ଜନସଭାକୁ ସମ୍ବୋଧନ କରିବେ । ସୁଭଦ୍ରା ଯୋଜନାରେ ୨ଟି କିସ୍ତିରେ ବର୍ଷକୁ ୧୦ ହଜାର ଟଙ୍କା ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ । ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ଦିଆଯିବ ବୋଲି ରାଜ୍ୟ ସରକାର କହିଛନ୍ତି । ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬୦ଲକ୍ଷରୁ ଅଧିକ ହିତାଧିକାରୀ ଆବେଦନ କରିଥିବା ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମଧ ବଣ୍ଟନ କରାଯିବ । ସୂଚନାଯୋଗ୍ୟ, ଜାତୀୟସ୍ତରର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପ୍ରାୟ ୧୦ ଲକ୍ଷ ହିତାଧିକାରୀ ସାମିଲ ହୋଇଛନ୍ତି । ଏହି ଯୋଜନାର ପ୍ରଥମ କିସ୍ତି ବାବଦ ୩ ହଜାର ୮୧୦କୋଟି ଟଙ୍କା ପ୍ରତ୍ୟକ୍ଷ ଅର୍ଥରାଶି ପ୍ରଦାନ ଆକାରରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏବଂ ସୁଭଦ୍ରା ଯୋଜନାର ଶୁଭାରମ୍ଭକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି । ଏହା ସହ ସମସ୍ତ ସରକାରୀ

କାର୍ଯ୍ୟାଳୟ, ରାଜସ୍ୱ, କାର୍ଯ୍ୟନିର୍ବାହୀ ଅଦାଲତ ପ୍ରଥମାର୍ଦ୍ଧ ଛୁଟି ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆସନ୍ତାକାଲି ସକାଳ ୭ଟା ୩୦ ମିନିଟ୍‌ରୁ ଅପରାହ୍ଣ ୩ଟା ଯାଏଁ ଜୟଦେବ ବିହାର, ନାଲକୋ ଛକ ରାସ୍ତାରେ କଟକଣା ଲାଗୁ କରାଯାଇଛି ।

## ଲୋକ ଅଦାଲତ-ମାମଲା ଫଏସଲା

ଦେଶର ବିଭିନ୍ନ ଅଦାଲତରେ ଗତ ୧୪ ତାରିଖ ଦିନ ହୋଇଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ୧ କୋଟି ୧୪ ଲକ୍ଷ ମାମଲାର ଫଏସଲା ହୋଇଥିବା ଜଣାପଡିଛି । ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭିନ୍ନ ତହସିଲ, ଜିଲ୍ଲା ଏବଂ ହାଇକୋର୍ଟରେ ଲୋକ ଅଦାଲତ ଗତ ଶନିବାର ଦିନ ଅନୁଷ୍ଠିତ ହୋଇଥିଲା । ଗଣେଶପୂଜା ଓ ଓନୋମ ପର୍ବ ଯୋଗୁଁ ଅବଶିଷ୍ଟ ରାଜ୍ୟ ଓ ବାକି କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ଲୋକ ଅଦାଲତ ହୋଇପାରିନଥିଲା । ବିଚାର ହୋଇଥିବା ମାମଲାଗୁଡ଼ିକ ମଧ୍ୟରେ ଫୌଜଦାରୀ, ରାଜସ୍ୱ ବିବାଦ, ବ୍ୟାଙ୍କରଣ ଆଦାୟ, ଦୁର୍ଘଟଣାଜନିତ ବୀମା, ଶ୍ରମବିବାଦ, ବୈବାହିକ ମାମଲା, ଜମିଜମା ବିବାଦ, ଖାଉଟୀ ଅଭିଯୋଗ ସମେତ ଅନ୍ୟ ଦେଓ୍ୱାନୀ ମାମଲାର ଫଏସଲା କରାଯାଇଥିଲା ।

# ବିଶ୍ୱକର୍ମା ପୂଜା

କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ଶ୍ରୀବିଶ୍ୱକର୍ମାଙ୍କ ଆବିର୍ଭାବ ହୋଇଥିବାରୁ ଆଜି ଭକ୍ତି ଓ ନିଷ୍ଠାର ସହ ଶ୍ରୀ ବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରାଯାଉଛି । ବିଶ୍ୱକର୍ମାଙ୍କୁ ନିର୍ମାଣ ଏବଂ ସୃଜନର ଦେବତା ଭାବେ ପୂଜା

କରାଯାଇଥାଏ । ଧାର୍ମିକ ତଥ୍ୟ ଆଧାରରୁ ଜଣାଯାଏ ଯେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ୍ ବିଶ୍ୱ ଭୂବନ ନିର୍ମାଣ କରିଥିଲେ । ଦେବତାମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସ୍ୱର୍ଗର ଅମରାବତୀ ଶ୍ରୀ ବିଶ୍ୱକର୍ମାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ । ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତୀନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ଶ୍ରୀବିଶ୍ୱକର୍ମାଙ୍କ ଶ୍ରେଷ୍ଠ ନିର୍ମାଣର ନିଦର୍ଶନ ବୋଲି ପୁରଣଶାସ୍ତ୍ରରେ କୁହାଯାଇଛି ।

ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜା ମହା ସମାରୋହରେ ଅନୁଷ୍ଠିତ ହେଉଛି । ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପୂଜାସ୍ଥଳକୁ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଛି ।

# ମହମ୍ମଦ ଜୟନ୍ତୀ

ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ହଜରତ ମହମ୍ମଦ ସାହେବଙ୍କର ଆଜିର ଜନ୍ମଦିବସକୁ ପବିତ୍ର ଇଦ୍-ଏ-ମିଲାଦ ଉନ୍ ନବୀ ଭାବେ ପାଳନ କରାଯାଉଛି । ମୁସଲମାନ ସଂପ୍ରଦାୟର ଭାଇ ଓ ଭଉଣୀମାନେ ଶୋଭାଯାତ୍ରାରେ ବାହାରି ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଇଥାନ୍ତି । ବିଶ୍ୱଶାନ୍ତି ପାଇଁ ମସ୍‌ଜିଦ୍ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି । ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମନୋହନ ଚରଣ ମାଝୀ ମୁସଲମାନ ସଂପ୍ରଦାୟଙ୍କୁ  ମହମ୍ମଦ ଜୟନ୍ତୀ ଅବସରରେ ଆନ୍ତରିକ

ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

କଟକ ସହରର ବିଭିନ୍ନ ସ୍ଥାନରେ ଥିବା ମସ୍‌ଜିଦ ଓ ଦରଗାହ ଗୁଡ଼ିକରେ ନମାଜପାଠ ସରିବା ପରେ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହାରିଥିଲେ । ବିଭିନ୍ନ ସାହି ଓ ବସ୍ତିରେ ଶୋଭାଯାତ୍ରାକୁ ଲୋକମାନେ ସ୍ୱାଗତ କରିଥିଲେ ।

ଭଦ୍ରକ ଜିଲ୍ଲାର ଧାମନଗର, ଭଦ୍ରକ, ପୁରୁଣା ବଜାର ସମେତ ବିଭିନ୍ନ ସ୍ଥାନରେ ଜୁଲୁସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ମଝିପଡା ମୁସଲିମ ସମ୍ପ୍ରଦାୟ ଦ୍ୱାରା ଆଜି ଜସ୍ନେ-ଇଦ୍-ମିଲଦ-ଉନ୍-ନବି ପାଳନ ଅବସରରେ ଶାନ୍ତିପୂର୍ଣ୍ଣ ଜୁଲୁସ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସୁବର୍ଣ୍ଣପୁର ସମେତ ବୀରମହାରାଜପୁର, ବୀନିକା, ତରଭା ଓ ନାରାୟଣପୁର ଆଦି ସ୍ଥାନରେ ସମୂହ ନମାଜପାଠ ଓ ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି ।

ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ କେନ୍ଦ୍ରାପଡା ଜିଲ୍ଲାରେ ଧର୍ମ, ଆସ୍ଥା, ଭାଇଚାରାର ପର୍ବ ପବିତ୍ର ମହମ୍ମଦ ଜୟନ୍ତୀ ପାଳନ କରାଯାଉଛି । ଜିଲ୍ଲାର ମସ୍‌ଜିଦ୍ ଏବଂ ଇଦ୍‌ଗାହ ପଡିଆରେ ସମୂହ ନମାଜ ପାଠ ପରେ କେନ୍ଦ୍ରାପଡା ହାଇସ୍କୁଲ ପଡ଼ିଆରେ ବହୁସଂଖ୍ୟାରେ ମୁସଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇଥିଲେ ।

## ବାମନ ଜନ୍ମ

**ପୁରୀ** ଶ୍ରୀମନ୍ଦିରରେ ଗତକାଲି ଭାଦ୍ରବ ଶୁକ୍ଳ ଦ୍ଵାଦଶୀ ତିଥିରେ ବାମନ ଜନ୍ମ ନୀତି ସମ୍ପୂର୍ଣ୍ଣ ହୋଇଥିବାବେଳେ ଆଜି ବିଧି ଅନୁସାରେ ଶ୍ରୀଜୀଉମାନଙ୍କର ବଳିବାମନ ବେଶ ଅନୁଷ୍ଠିତ ହେବ । ଏହି ବିଶେଷ ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବାମନରୂପୀ ବାଳକ ରୂପରେ ରତ୍ନ ସିଂହାସନରେ ବିରାଜମାନ କରିବେ । ଶ୍ରୀ ବଳଭଦ୍ର ରାଜବେଶ ଧାରଣା କରିବେ ଏବଂ ଦେବୀ ସୁଭଦ୍ରା ସାଧାରଣ ବେଶରେ ସଜ୍ଜିତ ହେବେ । ଦ୍ଵିପ୍ରହର ଧୂପ ସରିବା ପରେ ଶ୍ରୀଜୀଉମାନଙ୍କର ଏହି ବେଶ ଅନୁଷ୍ଠିତ ହେବ । ଏହି ସ୍ଵତନ୍ତ୍ର ବେଶରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସ୍ଵର୍ଣ୍ଣ ଅଳଙ୍କାର ବିଭୂଷିତ କରାଯିବ । ଏହି ବେଶରେ ମହାପ୍ରଭୁ ଭକ୍ତମାନଙ୍କୁ ବଡସିଂହାର ପୂଜା ପର୍ଯ୍ୟନ୍ତ ଦର୍ଶନ ଦେବେ ।

## ରକ୍ତକର୍କଟ ରୋଗୀଙ୍କ ଚିକିତ୍ସା ସଫଳତା

କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ ୧୬୦ଜଣ ରକ୍ତକର୍କଟ ରୋଗୀଙ୍କ କ୍ଷେତ୍ରରେ ଅସ୍ଥିମଜା ପ୍ରତିରୋପଣ କରି ନୂଆ ରେକର୍ଡ ସୃଷ୍ଟି କରିଛି । ହେମାଟୋଲୋଜି ବିଭାଗର ପ୍ରଫେସର ରବୀନ୍ଦ୍ର କୁମାର ଜେନା କହିଛନ୍ତି ୨୦୧୪ ମସିହା ଫେବୃୟାରୀ ୨୬ ତାରିଖରେ ହେମାଟୋଲୋଜି ବିଭାଗରେ ଅସ୍ଥିମଜା ପ୍ରତିରୋପଣ ୟୁନିଟ୍ ଆରମ୍ଭ ହୋଇଥିଲା । ପ୍ରଥମକରି ୨୦୧୪ ମସିହା ଏପ୍ରିଲ ୨୩ ତାରିଖରେ ମାଗଣାରେ ଅସ୍ଥିମଜା ପ୍ରତିରୋପଣ ସଫଳତାର ସହ କରାଯାଇଥିଲା । ୧୬୦ଜଣ ଅସ୍ଥିମଜା ପ୍ରତିରୋପଣ କରିଥିବା ରୋଗୀଙ୍କ ମଧ୍ୟରୁ ୮୭

ପ୍ରତିଶତ ରୋଗୀ ସୁସ୍ଥ ଜୀବନ ଯାପନ କରୁଥିବା ଡାକ୍ତର ଶ୍ରୀ ଜେନା କହିଛନ୍ତି ।

## ଜିଲ୍ଲାସ୍ତରୀୟ ବିକାଶ ମେଳା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିକାଶ ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା । ଆସନ୍ତା ୨୦ ତାରିଖରୁ ୨୨ ତାରିଖ ମଧ୍ୟରେ ବିଭିନ୍ନ ବିଭାଗର ସମନ୍ୱୟରେ ଏହି ମେଳା ଗଜପତି ଷ୍ଟାଡିୟମରେ ଆୟୋଜନ କରାଯିବ । ଏହି ଅବସରରେ ଜିଲ୍ଲାର ଲୋକ କଳାକାରଙ୍କୁ ନେଇ ତିନିଦିନ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ବିଶ୍ୱ ଓଜୋନ ଦିବସ

ବାୟୁ ମଣ୍ଡଳରେ ଓଜୋନ ସ୍ତରରେ ଛିଦ୍ର ହେବା ମାନବ ଜାତି ପାଇଁ କିପରି କ୍ଷତିକାରକ ସେହି ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି । ଶିଳ୍ପାୟନ ଓ ଆଧୁନିକରଣ ଯୋଗୁଁ ବାୟୁ ମଣ୍ଡଳରେ ସୃଷ୍ଟି ହେଉଥିବା ବିଭିନ୍ନ ବିଷାକ୍ତ ଗ୍ୟାସ୍' ଓଜୋନ ସ୍ତରକୁ କ୍ରମଶଃ କ୍ଷୟ କରିବାରେ ଲାଗିଛି । ଯାହାଫଳରେ ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି ଓଜୋନସ୍ତରକୁ ଭେଦ କରି ପୃଥିବୀ ଉପରେ ସିଧାସଳଖ ପଡିବାର ସଙ୍କଟ ସୃଷ୍ଟି ହୋଇଛି । ଯାହାର ପରିମାଣ ସ୍ୱରୂପ ଚର୍ମକର୍କଟ ରୋଗ ହୋଇଥାଏ । ବିଶ୍ୱର ଅଗ୍ରୀମ ଦେଶ ଭାବେ ଭାରତ ଓଜୋନ ସୁରକ୍ଷା ପାଇଁ କାର୍ଯ୍ୟ କରୁଛି । ଆନ୍ତର୍ଜାତୀୟ

ଚୁକ୍ତିନାମା ଅନୁସାରେ ଓଜୋନସ୍ତର ପ୍ରତି କ୍ଷତିକାରକ ପହଞ୍ଚାଉଥିବା ହାଇଡ୍ରୋକ୍ଲୋରୋଫ୍ଲୋରୋ କାର୍ବନର ବ୍ୟବହାରକୁ ବନ୍ଦ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଚେଷ୍ଟା ଜାରି ରହିଛି । ରାସାୟନିକ ଜୀବନଶୈଳୀକୁ ପରିତ୍ୟାଗ କରି ପ୍ରକୃତି ଅନୁକୂଳ ଜୀବନ ଶୈଳୀକୁ ମାନବ ସମାଜ ଆପଣେଇପାରିଲେ ଓଜୋନ ଦିବସ ପାଳନର ଯଥାର୍ଥତା ରହିବ ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି । ଏହାର ପ୍ରଭାବରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ସ୍ଥାନେ ସ୍ଥାନେ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ସମେତ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଏବଂ ଅନୁଗୁଳ ଜିଲ୍ଲାରେ ଅଧିକ ବର୍ଷାର ସମ୍ଭାବନା ଥିବା ନେଇ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ଉଦଳାଠାରେ ସର୍ବାଧିକ ୧୪୧ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱର ଜିଲ୍ଲା ଭୋଗରାଇରେ ୧୩୦ ମିଲିମିଟର ବର୍ଷା ହୋଇଯାଇଛି ।